ଶନିବାର, ୨୬ ଜୁଲାଇ, ୨୦୨୫

# ପିଲାଙ୍କ ଧରିତ୍ରୀ



# ଖିଲି ଖିଲି ହସ

ଜଣେ ଭିକାରି ରାସ୍ତାରେ ବସି ଭିକ ମାଗୁଥିଲା । ଏହି ସମୟରେ ଜଣେ ବ୍ୟକ୍ତି ଚାଲିଚାଲି ଯାଉଥିଲେ । ଭିକାରିଟି ବ୍ୟକ୍ତିଙ୍କୁ କହିଲା– ଭାଇନା, ମୁ କିଛି ଖାଇନି ମୋତେ କିଛି ଟଙ୍କା ଦିଅ । ବ୍ୟକ୍ତି ଜଣକ ୧୦୦ଟଙ୍କା ଦେଇ ଚାଲିବାକୁ ଲାଗିଲେ । ଏହି ସମୟରେ ଆଉ ଜଣେ ଲୋକ ଭିକାରିକୁ କିଛି ଟଙ୍କା ଦେଲେ । ଏହା ଦେଖି ପ୍ରଥମ ବ୍ୟକ୍ତି ଜଣକ କହିଲେ ମୁଁ ବା ତୁମକୁ ୧୦୦ଟଙ୍କା ଦେଲି ପୁଣି କାହିଁକି ମାଗୁଛ ? ଭିକାରି ଉତ୍ତର ଦେଲା–ଆସନ୍ତାକାଲି ମୁଁ କ'ଣ କରିବି ? ସବୁଦିନ ପାଇଁ କିଛି ବ୍ୟବସ୍ଥା ତ କରିବାକୁ ପଡ଼ିବ । ଏହାପରେ ବ୍ୟକ୍ତି ଜଣଙ୍କ କହିଲେ, ଟିକେ ରୁହ, ତୁମର ସବୁଦିନର ଖାଇବା ପିଇବା ବ୍ୟବସ୍ଥା ମୁଁ କରି ଦେଉଛି ।

ବ୍ୟକ୍ତି ଜଣକ ପୋଲିସକୁ ଫୋନ୍ କରି କହିଲେ ଜଲ୍‌ଦି ଆସ ମୋର ଟଙ୍କା ଚୋରି ହୋଇଯାଇଛି । ପୋଲିସ ସଙ୍ଗେ ସଙ୍ଗେ ଆସି ଭିକାରିକୁ ଆରେଷ୍ଟ କରି ଥାନାକୁ ନେଇଗଲେ ।

ବିଜୁ ରିକ୍ସାବାଲାକୁ କହିଲା – ଭାଇ ବଜାର ଯିବାକୁ କେତେଟଙ୍କା ନେବ ।

ରିକ୍ସାବାଲା–୩୦ଟଙ୍କା ।

ବିଜୁ: ୧୫ଟଙ୍କା ନିଅ ।

ରିକ୍ସାବାଲା–ବାବୁ ୧୫ଟଙ୍କାରେ ତୁମକୁ କିଏ ନେବ ।

ବିଜୁ: ରିକ୍ସାବାଲାକୁ କହିଲା–ତୁମେ ପଛରେ ବସ ମୁଁ ୧୫ଟଙ୍କାରେ ତୁମକୁ ନେଇ ବଜାରରେ ଛାଡିଦେବି ।

# ପ୍ରଜାପତି, ଭଅଁର ଓ ମହୁମାଛି



## ଗପ

ଗୋଟିଏ ଫୁଲ ବଗିଚା ଥିଲା । ବଗିଚାରେ ଗୋଲାପ, ମଲ୍ଲି, ଚମ୍ପା, ଗେଣ୍ଡୁ, ମନ୍ଦାର, ଟଗର ଇତ୍ୟାଦି ଅନେକ ଗଛ । ସେହି ବଗିଚାରେ ଗୋଟିଏ ପ୍ରଜାପତି ଏବଂ ଗୋଟିଏ ଭଅଁର ରହୁଥିଲେ । ସେମାନେ ଦୁହେଁ ବହୁତ ଭଲ ବନ୍ଧୁ । ଦୁହେଁ ସାରା ଦିନ ଫୁଲରୁ ମହୁ ପିଉଥିଲେ ଏବଂ ରାତିରେ ଫୁଲ ଗଛରେ ଶୋଇପଡୁଥିଲେ । ପ୍ରଜାପତି ଓ ଭଅଁରର ସମଗ୍ର ବଗିଚା ଉପରେ କର୍ତ୍ତୃତ୍ୱ ଥିଲା । ଦିନେ ଗୋଟିଏ ମହୁମାଛି କୌଣସି ସ୍ଥାନରୁ ସେହି ବଗିଚାକୁ ଆସିଲା । ପ୍ରଜାପତି ଏବଂ ଭଅଁରକୁ ନ ପଚାରି ଫୁଲରୁ ମହୁ ପାନକଲା । ଭଅଁର ଏବଂ ପ୍ରଜାପତିର ନଜର ମହୁମାଛି ଉପରେ ପଡ଼ିଲା । ଦୁହେଁ ମହୁମାଛିକୁ ଯାଇ ପଚାରିଲେ, କାହାର ଅନୁମତି ନେଇ ତୁମେ ଫୁଲରୁ ମହୁ ପାନ କରୁଛ, ତୁମେ ଜାଣି ନାହଁ ଏହି ବଗିଚା ଆମ ଦୁହିଁଙ୍କର । ଆମଠାରୁ ଅନୁମତି ନ ନେଇ କେହି ବଗିଚାରେ ପ୍ରବେଶ କରିପାରିବେ ନାହିଁ । ପ୍ରଜାପତି ଓ ଭଅଁରର କଥା ଶୁଣି, ମହୁମାଛି କହିଲା – ମୁଁ ଭୁଲ୍ କରିଛି । ଦୟାକରି ମୋତେ କ୍ଷମା କରିଦିଅନ୍ତୁ । ମୁଁ ଆଉ ତୁମ ଅନୁମତି ବିନା ଫୁଲ ବଗିଚାକୁ ଆସିବି ନାହିଁ ।

ମହୁମାଛିର କଥା ଶୁଣି ପ୍ରଜାପତି ଓ ଭଅଁରର ଦୟା ଆସିଲା । ଦୁହେଁ କହିଲେ, ତୁମେ ପ୍ରତିଦିନ ଆମ ବଗିଚାକୁ ଆସ ଏବଂ ଫୁଲରୁ ମଧୁ ପାନ କର । ଉଭୟଙ୍କ ଅନୁମତି ପାଇବା ପରେ, ମହୁମାଛି ଖୁସି ହୋଇ ଉଭୟଙ୍କୁ ଧନ୍ୟବାଦ ଦେଲା । କିଛି ଦିନ ମଧ୍ୟରେ, ମହୁମାଛି ସହ ପ୍ରଜାପତି ଓ ଭଅଁରର ବନ୍ଧୁତା ହୋଇଗଲା । ଦିନକର କଥା, ଗୋଟିଏ ଝିଟିପିଟି ସେହି ବଗିଚାକୁ ଆସିଲା । ପ୍ରଜାପତି ଓ ଭଅଁରକୁ ଖାଇବା ପାଇଁ ଏ ଗଛରୁ ସେ ଗଛ ତାଙ୍କର ପିଛା କଲା । ଝିଟିପିଟିକୁ ଦେଖି ପ୍ରଜାପତି ଓ ଭଅଁର ଭୟଭୀତ ହୋଇ ଜୀବନ ବଞ୍ଚାଇବା ପାଇଁ ମହୁମାଛି ପାଖକୁ ଦୌଡିଲେ । ମହୁମାଛି ପାଖକୁ ଯାଇ ସମସ୍ତ କଥା କହିଲେ । ଉଭୟଙ୍କ କଥା ଶୁଣି, ମହୁମାଛି କହିଲା – ତୁମର ଭୟ କରିବାର ନାହିଁ । ମୋ ଆମ୍ବ ଗଛରେ ଗରୁଡ଼ ପକ୍ଷୀ ରହୁଛନ୍ତି । ମୁଁ ତାଙ୍କ ସହିତ କଥା ହୋଇ ଝିଟିପିଟିଠାରୁ ତୁମକୁ ମୁକ୍ତ କରିବି । ଏହା କହି, ମହୁମାଛି ଗରୁଡ଼ ପକ୍ଷୀ ପାଖକୁ ଯାଇ ସବୁକଥା କହିଲେ ।

ମହୁମାଛିର କଥା ଶୁଣି, ଗରୁଡ଼ ପକ୍ଷୀ ଝିଟିପିଟି ଉପରେ ବହୁତ ରାଗିଗଲେ ଏବଂ ତୁରନ୍ତ ସାହାଯ୍ୟ କରିବାକୁ ପ୍ରସ୍ତୁତ ହେଲେ । ଗରୁଡ଼ ପକ୍ଷୀ ପ୍ରଜାପତି, ଭଅଁର ଓ ମହୁମାଛି ସହିତ ବଗିଚାକୁ ଆସିଲେ । ବଗିଚାରେ ପହଞ୍ଚିବା ମାତ୍ରେ ଝିଟିପିଟି ଗରୁଡ଼ ପକ୍ଷୀର ଭୟରେ ଦୌଡ଼ିବାକୁ ଲାଗିଲା । ତା'ପରେ ଗରୁଡ଼ ପକ୍ଷୀ ଝିଟିପିଟିକୁ ଧରି ଖାଇଦେଲେ । ଝିଟିପିଟିକୁ ଖାଇବା ପରେ ଗରୁଡ଼ କହିଲେ, ଏବେ ତୁମମାନଙ୍କୁ ଭୟଭୀତ ହେବାର ଆବଶ୍ୟକତା ନାହିଁ । ଯେତେବେଳେ ତୁମେ କୌଣସି ସମସ୍ୟାର ସମ୍ମୁଖୀନ ହେବ, ମୋ ପାଖକୁ ଆସିବ । ମୁଁ ସବୁବେଳେ ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛି । ଏହାକହି ଗରୁଡ଼ ସେଠାରୁ ଖୁସିରେ ଚାଲିଗଲେ । ପ୍ରଜାପତି ଓ ଭଅଁର ମହୁମାଛିକୁ ବହୁତ ଧନ୍ୟବାଦ ଦେଲେ । ତା' ପରଦିନଠାରୁ ସେମାନେ ବନ୍ଧୁ ଭାବରେ ବଗିଚାରେ ରହିବାକୁ ଲାଗିଲେ ।

**– ଲଳିତ ମୋହନ ମିଶ୍ର**
ଅରବିନ୍ଦ ନଗର, ନୟାଗଡ଼
ମୋ: ୯୪୩୭୯୮୫୮୬୬

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ । ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ ।

**ଆମ ଠିକଣା**
dharitrifeature@gmail.com

# ନନ୍ ଭେଜ୍ ମିଲ୍କ



ନନ୍ ଭେଜ୍ ମିଲ୍କ । ଅର୍ଥାତ କ୍ଷୀର ବି ଆମିଷ ହୋଇପାରେ ! ଏକଥା ଶୁଣିଲେ ହୁଏତ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ । ଏମିତି ଏକ କ୍ଷୀରକୁ ନେଇ ଏବେ ଢେର୍ ଚର୍ଚ୍ଚା ହେଉଛି । ତେବେ ଏହି ନନ୍ ଭେଜ୍ କ୍ଷୀର ବି ଗାଈଠାରୁ ମିଳିଥାଏ । କିନ୍ତୁ କ୍ଷୀର ଦେବା ପାଇଁ ଗାଈକୁ ଚାରା ସହିତ ବିଭିନ୍ନ ଜୀବଜନ୍ତୁଙ୍କ ମାଂସ, ହାଡ଼ ଗୁଣ୍ଡ, ରକ୍ତ ଆଦି ଖାଇବାକୁ ଦିଆଯାଏ । ଆମେରିକା ଓ କିଛି ପାଶ୍ଚାତ୍ୟ ଦେଶଗୁଡିକରେ ଗାଈକୁ ଅଧିକ ପ୍ରୋଟିନ୍ ଓ ଫ୍ୟାଟ୍ ଦେବା ଉଦ୍ଦେଶ୍ୟରେ ଏଭଳି ସ୍ୱତନ୍ତ୍ର ଚାରା ଖାଇବାକୁ ଦିଆଯାଏ । ତେଣୁ ମାଂସ ଉତ୍ପାଦନ କେନ୍ଦ୍ରଗୁଡିକରେ ଛେଳି, ଘୁଷୁରି, ମାଛ, ଏମିତିକି କୁକୁର ବିଲେଇଙ୍କର ଦେହାବଶେଷ ମଧ୍ୟ ଚାରା ସହିତ ମିଶାଯାଏ । ପ୍ରୋଟିନ୍ ନିମନ୍ତେ ପଶୁମାନଙ୍କର ରକ୍ତ ଓ ମୋଟା ହେବା ପାଇଁ ଚର୍ବି ମଧ୍ୟ ଦିଆଯାଏ । ଏସବୁ ଚାରା ଖାଇବା ପରେ ଗାଈଟି ଯେଉଁ କ୍ଷୀର ଦେଇଥାଏ ତାହାକୁ ନନ୍ ଭେଜ୍ ମିଲ୍କ କୁହାଯାଏ । ତେବେ ବର୍ତ୍ତମାନ ସୁଦ୍ଧା ଏହା କେବଳ ପାଶ୍ଚାତ୍ୟ ଦେଶଗୁଡିକରେ ହିଁ ମିଳୁଛି । କିନ୍ତୁ ଭାରତରେ ଏହି ପ୍ରକାରର କ୍ଷୀର ଆମଦାନୀ ନିମନ୍ତେ ସରକାର ସ୍ପଷ୍ଟଭାବେ ମନା କରିଦେଇଛନ୍ତି । କାରଣ ଆମ ସଂସ୍କୃତିରେ ଗାଈ ଅତ୍ୟନ୍ତ ପବିତ୍ର ଓ ଗାଈ ଚାରାରେ ଏସବୁ ଖାଦ୍ୟ ଆଦୌ ମିଶାଯାଏ ନାହିଁ । ତେଣୁ କ୍ଷୀର ଓ ଏଥିରୁ ଉତ୍ପାଦନ ହେଉଥିବା ଦହି, ଛେନା, ଲହୁଣି, ଘିଅ ଆଦିକୁ ମଧ୍ୟ ଅତ୍ୟନ୍ତ ଶୁଦ୍ଧ ଓ ପବିତ୍ରଭାବେ ଗ୍ରହଣ କରାଯାଏ । ସେଥିପାଇଁ ଏସବୁ ଜିନିଷକୁ ପୂଜାପାଠ ଆଦି କାମରେ ବ୍ୟବହାର କରାଯାଏ ।

# ମତାମତ

▶▶ 'ଗପ' ସ୍ତମ୍ଭରେ ପ୍ରକାଶିତ 'ଟିକି ମୁଣ୍ଡର ବହୁତ ବୁଦ୍ଧି' ବହୁତ ଶିକ୍ଷଣୀୟ ହୋଇଛି ।

**–ତୃପ୍ତି ପ୍ରିୟଦର୍ଶିନୀ, ସୁନାବେଡ଼ା**

▶▶ 'ସେଲ୍‌ଫ ରିଡିଂ' ବିଷୟରୁ ଅନେକ କଥା ଜାଣିହେଲା ।

–ସୁଜାତା ନାୟକ, ଢେଙ୍କାନାଳ

▶▶ 'କବିତା' ସ୍ତମ୍ଭରେ ପ୍ରକାଶିତ କବିତାଗୁଡିକ ବେଶ୍ ଶିକ୍ଷଣୀୟ ହୋଇପାରିଛି ।

**–ଶୁଭମ୍ ମହାନ୍ତି, ଜଗତ୍‌ସିଂହପୁର**

▶▶ 'ପୃଷ୍ଠା–୭'ରେ ପ୍ରକାଶ ପାଉଥିବା ବିଷୟଗୁଡିକ ପଢ଼ିଲେ ଅନେକ କଥା ଜାଣିହେଉଛି ।

**–ଅନୁପମା ଦାସ, କେନ୍ଦ୍ରାପଡ଼ା**

## ରଙ୍ଗ ଦିଅ







କେବଳ ପାଠ ପଢ଼ିଲେ ହେବ ନାହିଁ, ଏମିତି କେତେକ କଥା ରହିଛି ଯାହା, ପିଲାମାନେ ଜାଣି ରଖିବା ନିହାତି ଜରୁରୀ। କେତେକ ପିଲାଙ୍କ ସହିତ ଅପରାଧ ହେବାର ଦେଖାଯାଉଛି। ଏଥିପାଇଁ ପିଲା ନିଜେ ସଚେତନ ହେବା ଆବଶ୍ୟକ...

# କିପରି ହେବେ ସଚେତନ

## ସୁରକ୍ଷା

ଚତୁଃପାର୍ଶ୍ୱରେ ବହୁତ ଘଟଣା ଏବଂ ପରିସ୍ଥିତି ଉପୁଜିଥାଏ। ଏପରି ସ୍ଥିତିରେ ସାବଧାନ ଏବଂ ସତର୍କ ରହିବା ଅଧିକ ଜରୁରୀ। ଯଦି କିଏ ଘରକୁ ଅପରିଚିତ ବ୍ୟକ୍ତି ଆସୁଛନ୍ତି ତାଙ୍କୁ ପଚାରି ବୁଝ ଯେ ସେ କିଏ ଏବଂ କାହାକୁ ଦେଖା କରିବାକୁ ଆସିଛନ୍ତି, ଏସବୁ ବୁଝିଲା ପରେ ଘର କବାଟ ଖୋଲିବ କି ନାହିଁ ନିଷ୍ପତ୍ତି ନିଅ। ଯଦି ତୁମେ କୁଆଡେ ସାଙ୍ଗ ସାଥି କିମ୍ବା ପଡିଶା ଘରକୁ ଯାଉଛ ଏ ବିଷୟରେ ମାତା ପିତାଙ୍କୁ କହିକି ଯାଅ। ସବୁବେଳେ ସାବଧାନ ଏବଂ ସତର୍କ ରହିବା ଆବଶ୍ୟକ। ବିପଦ ଏବଂ ଅସୁବିଧା ସମୟରେ ନିଜକୁ ରକ୍ଷା କରିବା ଲାଗି ସବୁବେଳେ ସତର୍କ ରହିବା ଜରୁରୀ।

## ବ୍ୟକ୍ତିଗତ କଥାକୁ ଲୁଚାଇ ରଖନ୍ତୁ

ପିଲାଏ , ତୁମ ମମି ପାପା କିମ୍ବା କୌଣସି ବଡ ଲୋକ ନିଜର ମୋବାଇଲ୍ ଡିଭାଇସ୍‌ର ଡାଟାର ସୁରକ୍ଷା ଲାଗି ପ୍ରାଇଭେସୀ ସେଟିଂ କରିଥାନ୍ତି। ଅସଲରେ ଏହି ପ୍ରାଇଭେସୀ ସିକ୍ୟୁରିଟୀ କେବଳ ସ୍ମାର୍ଟ ଗ୍ୟାଜେଟ୍ ଲାଗି ରହିବା ସହିତ ଏହା ଦୈନନ୍ଦିନ ଜୀବନରେ ରହିବା ମଧ୍ୟ ଜରୁରୀ। ଯଦି ଘରେ ବାବା, ମାମା କିମ୍ବା କିଏ ବି ବଡ ଲୋକ କେଉଁଠିକି ବାହାରକୁ ଯାଇଛନ୍ତି ଏ ସମୟରେ ତୁମେ ଘରେ ଏକୁଟିଆ ଥିବା ସମ୍ପର୍କରେ ଯେପରି ବାହାର ଲୋକ କୌଣସି ସୂଚନା ନ ପାନ୍ତି। ପ୍ୟାରେଣ୍ଟସ୍‌ଙ୍କୁ ଫୋନ୍‌ରେ ଆସୁଥିବା କୋଡ୍ କିମ୍ବା ଓଟିପି ମାତା ପିତାଙ୍କୁ ନ ପଚାରି କାହାକୁ ଏ ବିଷୟରେ ସୂଚନା ଦିଅନାହିଁ। ନିଜ ପରିବାରର ହଲିଡେ ପ୍ଲାନ ଅନ୍ୟ କାହାକୁ ବି କିଛି କୁହନି। ଏପରି କେତୋଟି କଥା ତୁମ ସୁରକ୍ଷା ଉପରେ ନିର୍ଭର କରିଥାଏ। କିଛି ଲୋକ ତୁମର କିମ୍ବା ତୁମ ପରିବାରର ଇନ୍‌ଫରମେଶସନ୍‌କୁ ବ୍ୟବହାର କରି ଘରେ ଚୋରୀ କିମ୍ବା ଅନ୍ୟ କିଛି ଖରାପ୍ କାମ କରି ପାରନ୍ତି। ଏଥିପାଇଁ ଏସବୁ ମାମଲାରେ ତୁମକୁ ସାବଧାନ ରହିବା ଜରୁରୀ। ପର୍ସନାଲ କଥା ବାହାରେ ନ କହିବା ଦ୍ୱାରା ଏହା ତୁମକୁ ଏବଂ ପରିବାରର ଅନ୍ୟ ସଦସ୍ୟଙ୍କୁ କେତେକାଂଶରେ ସୁରକ୍ଷିତ ରଖିପାରିବ।

## ଜାଣନ୍ତୁ ଗୁଡ୍ ଟଚ୍ ବ୍ୟାଡ୍ ଟଚ୍ ବିଷୟରେ

ଘରେ ଏକୁଟିଆ ଥାଅ କି କୌଣସି ସମ୍ପର୍କୀୟଙ୍କ ଘରକୁ ଯାଅ , କୌଣସି ଆକ୍ଟିଭିଟି କ୍ଲାସ ହେଉ କି ସ୍କୁଲ୍ ବସ୍‌ରେ ଯିବା ଆସିବା ସମୟରେ ହେଉ, ଖେଳ ପଡିଆ ହେଉ କି ସାଙ୍ଗର ଜନ୍ମଦିନର ପାର୍ଟି । କିଏ ବି କେଉଁଠି ଯଦି ତୁମକୁ ଟଚ୍ କରୁଛନ୍ତି ଆଉ ସେ ଟଚ୍‌ରେ ତୁମେ ଅନ୍ କମ୍ଫଟେବଲ୍ ଅନୁଭବ କରୁଛ ତେବେ ଘରେ ମମି ପାପାଙ୍କୁ ଏ ବିଷୟରେ କୁହ। ଏପରି ଲୋକଠୁ ନିଜକୁ ଦୂରେଇ ରଖ। କେବେ କେବେ ଯାହା ସହ ବାରମ୍ବାର ଦେଖା ହେଉଥିବା ଲୋକ , ତୁମ ଘରକୁ ଯିବା ଆସିବା କରୁଥିବା ଲୋକବି ତୁମର ଫାଇଦା ଉଠାଇ ପାରନ୍ତି। ଏମାନଙ୍କ କଥାରେ କେବେ ବି ପଡନାହିଁ।

## ଲୋଭଠୁ ଦୂରେଇ ରୁହ

ପିଲାଏ , ସବୁବେଳେ ଗୋଟିଏ କଥା ମନେ ରଖିବ ସ୍କୁଲ୍‌କୁ ଯିବା ଆସିବା ସମୟରେ କେତେକ ଲୋକ ତୁମକୁ ଅନେକ ଲୋଭ ଦେଖାଇବେ , କିଛି ଜିନିଷ ଦେବେ । ଯେମିତିକି ଖାଇବା ଲାଗି ଚକ୍‌ଲେଟ୍, ପିଇବା ପାଇଁ କୋଲଡ୍ରିଙ୍କସ କିମ୍ବା କିଛି ନୂଆ ଖେଳନାର ଲୋଭ । ଏସବୁ ଦେଖି ଲୋଭରେ ଆସି କାହାର ବଶବର୍ତ୍ତୀ ହୁଅ ନାହିଁ। ସବୁ ଚକ୍‌ଲେଟ୍ ଦେଉଥିବା ଅଙ୍କଲ ଆଣ୍ଟି ଭଲ ନୁହଁନ୍ତି। କିଏ ଯଦି ତୁମକୁ ଚକ୍‌ଲେଟ୍ ଦେଇ ଡାକୁଛି ଏ ବିଷୟରେ ମାତା ପିତାଙ୍କୁ କୁହ। ଡରିବା ବଦଳରେ ନିଜ ଘରେ ଏ ବିଷୟରେ କୁହ।



## ଏମାନେ କ'ଣ କରନ୍ତି...

### ଲୋଭର ବଶବର୍ତ୍ତୀ ହୁଏନି



ସ୍କୁଲ୍ ଯିବା ସମୟରେ ମୋତେ ଯଦି କିଏ କିଛି ଜିନିଷ ଦିଏ ତାକୁ ମୁଁ ଗ୍ରହଣ କରେନି। କାରଣ ଘରେ ମାମା ପାପା ସବୁବେଳେ କହିଥାନ୍ତି ବାହାରେ ଯଦି ତୁମକୁ କିଏ କିଛି ଚକ୍‌ଲେଟ୍ କିମ୍ବା ଲୋଭନୀୟ ଜିନିଷ ଦେବେ ତାକୁ କେବେ ବି ଗ୍ରହଣ କରିବ ନାହିଁ। ଯଦି ଲୋଭ କରିବ ପର ମୁହୂର୍ତ୍ତରେ ଅସୁବିଧା ପଡିବାର ସମ୍ଭାବନା ରହିଛି।

–**ଜଗନ୍ନାଥ ପ୍ରିୟଦର୍ଶୀ**, କ୍ଲାସ–୭, ବଳଗଣ୍ଡି ଉଚ୍ଚ ବିଦ୍ୟାଳୟ,ପୁରୀ

### ପ୍ରାଇଭେସୀକୁ ଗୁରୁତ୍ୱ ଦିଏ



ଆମ ଘରେ ଆମେ ମାମା –ପାପା ଯାହା ବି କଥା ହେଉ ସେ କଥାକୁ ବାହାର ଲୋକଙ୍କ ସାମ୍ନାରେ କୁହେନି। କାରଣ ଘରର ପ୍ରତ୍ୟେକ କଥା ବାହାର ଲୋକ ଜାଣିଲେ ଅସୁବିଧା ହେବ। ଆମର କୁଆଡେ ବୁଲିଯିବାର ପ୍ଲାନ ଥିଲେ କେଉଁଠିକି ଏବଂ କେତେ ଦିନ ରହିବୁ ଏସବୁ କଥା ମୁଁ କାହାକୁ ଏ ସମ୍ପର୍କରେ ସୂଚନା ଦିଏ ନାହିଁ। କାରଣ ଆମେ ଘରେ ନ ଥିବା ସମୟରେ ଏହାର କିଏ ଫାଇଦା ଉଠାଇପାରେ। ସେଥିପାଇଁ କାହାକୁ କିଛି କଥା ନ କହିବା ଭଲ।

–**ଆୟେଶା ସାହୁ**, କ୍ଲାସ–୯,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୂଆଗାଁ,ଭୁବନେଶ୍ୱର




୧



୨



୩



୭



୪



୫



୬



୮

୧

**ଚିରଞ୍ଜୀବ ଦାଶ**
କ୍ଲାସ- ୧, ରୟାଲ ପବ୍ଲିକ ସ୍କୁଲ, କେଶୁରା, ଭୁବନେଶ୍ୱର



୨

**ଜୟେଶ ତ୍ରିପାଠୀ**
କ୍ଲାସ-୨, ଓଡିଏମ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ଅନୁଗୋଳ



୩

**ରୁଦ୍ରପ୍ରସାଦ ସାଥୁଆ**
କ୍ଲାସ- ୬, ଓଡିଶା ଆଦର୍ଶ ବିଦ୍ୟାଳୟ, ସଙ୍ଗଠନ ସିଆଳିଆ, ଖୋର୍ଦ୍ଧା



୪

**ଅଂଶୁମାନ ସାହୁ**
କ୍ଲାସ- ୮, ଓଡିଶା ଆଦର୍ଶ ବିଦ୍ୟାଳୟ, ଅଙ୍କରାନ୍ତିପୁର, ଓଡାପଡ଼ା, ଢେଙ୍କାନାଳ



୫

**ଶ୍ରୀଦିକସା ଦେହୁରୀ**
କ୍ଲାସ-୨, ସେଣ୍ଟ ଜନ୍ ସ୍କୁଲ, ବୌଦ୍ଧ



୬

**ଜ୍ୟୋତିର୍ମୟୀ ଦାଶ**
କ୍ଲାସ- ୯, ସରକାରୀ ବାଳିକା ବିଦ୍ୟାଳୟ, ସୋନପୁର



୭

**ଅନ୍ୱେଷା ଯୋଷୀ**
କ୍ଲାସ-୮, ପାଟଣା ଲଳିତ କଳା, ବଲାଙ୍ଗୀର



୮

**ସସ୍ମିତା ଲୋହର**
କ୍ଲାସ-୫, ଗାରାମିଆନ୍ ପ୍ରାଇମେରୀ ସ୍କୁଲ, ଯାଜପୁର



## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# କ୍ରୀସମସ୍ ଟ୍ରି ହେୟାର ଷ୍ଟାଇଲ୍

ସୌନ୍ଦର୍ଯ୍ୟ ବୃଦ୍ଧି କରିବା ନିମନ୍ତେ ଲୋକେ ବିଭିନ୍ନ ପ୍ରକାରର ହେୟାର ଷ୍ଟାଇଲ୍ କରନ୍ତି। ହେଲେ ଏହି କାମ ବି ଜଣଙ୍କୁ ବିଶ୍ୱ ରେକର୍ଡର ଅଧିକାରୀ କରାଇପାରେ। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଦୁବାଇର ପ୍ରଖ୍ୟାତ ହେୟାର ଷ୍ଟାଇଲିଷ୍ଟ ଦାନୀ ହିସବାନୀଙ୍କ କ୍ଷେତ୍ରରେ। ଜଣେ ମହିଳାଙ୍କ ମୁଣ୍ଡ ଉପରେ ସିଧା ଭାବରେ ସେ ୯ ଫୁଟ୍‌ଉଚ୍ଚର ଏକ ହେୟାର ଷ୍ଟାଇଲ୍ କରି ଗିନିଜ୍ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ୭ ବର୍ଷ ତଳୁ ଦାନୀ ଏହି ହେୟାର ଷ୍ଟାଇଲ୍ କାମକୁ ନିଜର ପ୍ରଫେଶନଭାବେ ଆପଣାଇଛନ୍ତି। ସେ ଅନେକ ଥର ସ୍ୱତନ୍ତ୍ର ଶୈଳୀର ହେୟାର ଷ୍ଟାଇଲ୍ କରି ଚର୍ଚ୍ଚିତ ମଧ୍ୟ ହୋଇଛନ୍ତି। କିନ୍ତୁ ଏହି କାମ ପାଇଁ ଯେ ଗିନିଜ୍ ରେକର୍ଡ କରିହେବ ଏକଥା ସେ ସମସ୍ତଙ୍କୁ ଜଣାଇବାକୁ ଚାହୁଁଥିଲେ। ସେଥିପାଇଁ ସେ ଜଣେ ମହିଳାଙ୍କ ମୁଣ୍ଡରେ ଏକ ସ୍ୱତନ୍ତ୍ର ଧରଣର ହେଲମେଟ୍ ପିନ୍ଧାଇ କେଶକୁ ଉପରକୁ ବାହାର କରିଥିଲେ। ଆଉ ତା'ପରେ ଉପରକୁ କ୍ରୀଶମସ୍ ଟ୍ରି ଭଳି ଡିଜାଇନ୍‌ରେ ହେୟାର ଷ୍ଟାଇଲ୍ କରିଥିଲେ ଯାହାର ଉଚ୍ଚତା ୯ ଫୁଟ ୬.୫ ଇଞ୍ଚ ହୋଇଥିଲା। ପ୍ରଥମ ଥର ପାଇଁ ସେ ଏଭଳି ଏକ ହେୟାର ଷ୍ଟାଇଲ୍ କରିଥିବାରୁ ଗିନିଜ୍ ରେକର୍ଡରେ ସ୍ଥାନ ପାଇଥିଲେ। ୨୦୨୨ ଡିସେମ୍ବରରେ ସେ ଏହି ସଫଳତା ହାସଲ କରିଥିଲେ।

## ଏଥରର

- ବିଶ୍ୱର ସବୁଠୁ ବଡ ଜଙ୍ଗଲ ?
- ସମ୍ରାଟ ଅଶୋକ କେଉଁ ଧର୍ମକୁ ଆପଣାଇଥିଲେ ?
- କେଉଁ ଦୁଇଟି ପ୍ରମୁଖ ଅସ୍ତ୍ରକୁ ନେଇ ମହାତ୍ମା ଗାନ୍ଧୀ ଆନ୍ଦୋଳନ ଆରମ୍ଭ କରିଥିଲେ ?
- ଫତେପୁର ଶିକ୍ରି କିଏ ନିର୍ମାଣ କରିଥିଲେ ?
- ନୁଡୁଲ୍ସ ଖାଇବା ନିମନ୍ତେ ଯେଉଁ କାଠି ବ୍ୟବହାର କରାଯାଏ ତାକୁ କଣ କହନ୍ତି ?

ଉ ତ ର

## ଗତଥରର

- ବିମ୍ବିସାର
- ମହାବୀର
- ଲର୍ଡ ମାଉଣ୍ଟବାଟେନ୍
- ୧୯୪୨
- ଆଣ୍ଟାର୍କଟିକା



## କାଉଡ଼ିବାଲା

ପବିତ୍ର ଶ୍ରାବଣ ମାସ
ଶୁଭ ସୋମବାର
କାଉଡ଼ିଆବାଲା ନିଅନ୍ତି
ପୁଣ୍ୟ ଗଙ୍ଗା ନୀର।
ବୋଲ୍ ବମ୍ ତୁଣ୍ଡେ ଧରି
ଭକତି ହୃଦୟେ
ସାଥୀ ମେଳେ ଚାଲି ଚାଲି
ଯାନ୍ତି ଶିବାଳୟେ।
ଗେରୁଆ ବସ୍ତ୍ର ଭକତେ
କରି ପରିଧାନ
ସୁନ୍ଦର ବାହୁଙ୍ଗି ଧରି
ଦିଶନ୍ତି ଶୋଭନ।
ଶିବ ଶିରେ ଜଳ ଢାଳି
କରନ୍ତି ପ୍ରାର୍ଥନା
ଆଶୁତୋଷ ହୋଇ ତୋଷ
ଦୂରାଅ ଯାତନା।
ମିନତି କରୁ ପୟରେ
ହୁଅନ୍ତୁ ପ୍ରସନ୍ନ
ସୁଖରେ ନୀରୋଗେ ବିତୁ
ସବୁରି ଜୀବନ।

– ଡ.ଶରତ କୁମାର ଚଉଁରୀ
ଟିଚର୍ସ କଲୋନି, ପିପିଲି, ପୁରୀ
ମୋ:୯୪୩୭୫୫୧୨୦୩



## ତାଙ୍କ ପ୍ରତି ଧ୍ୟାନ ଦେବା

ଶ୍ରାବଣ ମାସରେ କାଉଡିଆମାନେ
ଜଳ ଭାର କାନ୍ଧେ ନେବେ
ଭକତି ଭାବରେ ଶିବଙ୍କ ଲିଙ୍ଗରେ
ଅରପଣ କରିଦେବେ।
ନଦୀ, ସରୋବର, ତୀର୍ଥ ଜଳ ନେଇ
ଚାଲୁଥିବେ କାଉଡ଼ିଆ
ବାଘଛାଲ ପରି ପୋଷାକ ପିନ୍ଧିବେ
ଚାଲିବ ଅଲୁଆ ଖିଆ।
"ହରହର ମହାଦେବ" ଧ୍ୱନି ଦେଇ
ଚାଲିବେ ଆଗକୁ ବାଟ
କାଉଡ଼ିଆଙ୍କର ଭିଡ଼ ଲାଗିଯିବ
ଚାଲୁଥିବେ ରାସ୍ତାଘାଟ।
ସୋମବାର ଜଳ ଲାଗି କରାଇବେ
ଶିବାଳୟ କମ୍ପମାନ
ଭକତି ଭାବରେ ଶିବଙ୍କୁ ପୂଜିବେ
କରୁଥିବେ ସ୍ତୁତି ଗାନ।
ଆମେ ଯେତେ ଅଛେ କୁନି
ପିଲାମାନେ
କରିବା ତାଙ୍କରି ସେବା
କାଉଡ଼ିଆମାନେ ଆନନ୍ଦ ଲଭିବେ
ତାଙ୍କ ପ୍ରତି ଧ୍ୟାନ ଦେବା।

– ନିରଞ୍ଜନ ସାହୁ
ନିହଲ ପ୍ରସାଦ, ଗଁଦିଆ ପାଟଣା,
ଢେଙ୍କାନାଳ
ମୋ: ୯୯୩୮୭୪୧୫୮୩

## ଆରେ ବାଦଲ ଆ

ଆରେ ବାଦଲ ଆ ସଅଳ ଆ,
ଗହୀର ବିଲେ ବରଷି ଯା।
ଗଗନକୁ ନଇଁ ଆସିବୁ ଧାଇଁ,
ଗହଳ ଜଳେ ଦେବୁ ଭସାଇ।
କରିଦେ ଟିକିଏ ଦୟା ଆରେ ବାଦଲ ଆ।
ବରଷା ହେଲେ ପଡ଼ିବ ତଳି,
ଶୁଖିଲା କ୍ଷେତ ଯିବ ବଦଳି।
ବହିବ ଥଣ୍ଡା ବାଆ, ଆରେ ବାଦଲ ଆ।
ରୁଆ ବେଉଷଣ କାମରେ ଲାଗି,
ଚାଷୀ ଭାଇଟି ଉଠିବ ଜାଗି।
ସିଏ ଆମକୁ ସାହା, ଆରେ ବାଦଲ ଆ।
ବରଷା କାଳ ରଖେ ମହତ,
ଶସ୍ୟ ଶ୍ୟାମଳା ହୁଅଇ କ୍ଷେତ।
ହସି ଉଠେ ଦୁନିଆ, ଆରେ ବାଦଲ ଆ।

–ବସନ୍ତ କୁମାର ଦାସ
ମୋ: ୯୦୭୮୩୩୦୩୭୯

## କହିଲ ଦେଖି

ଜଳକଣା ହୋଇ ଉପରକୁ ଯାଇ
ଆକାଶରେ ଘୁରି ଘୁରି
ବରଷା ରୂପରେ ଧରଣୀ ଦେହକୁ
ବାର ବାର ଆସେ ଫେରି
ନଈ,ନାଳ ବିଲ ସାଗର, କାନନ
ଦେଇ ଯାଏ ସବୁ ଭରି।
କହିଲ ଦେଖି କିଏ ?
ସାରା ଜଗତକୁ ଜୀବନ ଦିଏ।



**ଉତ୍ତର : ପାଣି**

ନ ଥିଲେ ସିଏ ଶୁଖିଲା ହୁଏ
ବିଲ,ପଡିଆ ଗଛ
ଆସିଲେ ସିଏ ଦେହରେ ତା'ର
ଖେଳେ କଇଁଛ ମାଛ
ଗଛ ପତର କଅଁଳି ଯାଏ
ଫୁଲରୁ ହୁଏ ଫଳ
ବଢ଼ିଲେ ସିଏ ଉଛୁଳିଯାଏ
ନଦୀର ଦୁଇ କୂଳ
କହିଲ ଦେଖି କିଏ ?



**ଉତ୍ତର: ବର୍ଷା**

ମାଡିଲେ ସିଏ ବନ୍ଧ ବାଡ଼ରେ
ତିଆରି ହୁଏ ଘାଇ
ଦୁଇ କୂଳକୁ ଉଛୁଳି ଗଲେ
ସରବ ନାଶ ହୋଇ
ଗାଆଁ ଗଣ୍ଡା ଓ କ୍ଷେତ ପଡିଆ
ସାଗର ଭଳି ଲାଗେ
କହିଲ ଦେଖି କିଏ ?
ପଥରେ ଯିଏ ପଡ଼ଇ ତା'ର
ଭସେଇ ତାକୁ ନିଏ।



**ଉତ୍ତର: ନଦୀ ବଢ଼ି**

– ମୋହନ କୁମାର ସ୍ୱାଇଁ
ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର


# ପବନ ବେଗରେ ଚାଲିବ ଟ୍ରେନ

ଦ୍ରୁତ ବେଗରେ କିପରି ଟ୍ରେନ୍ ଚାଲିବ ସେ ନେଇ ବିଭିନ୍ନ ଦେଶରେ ସତେ ଯେମିତି ପ୍ରତିଯୋଗିତା ଚାଲିଛି। ଆମ ଦେଶରେ ବୁଲେଟ୍ ଟ୍ରେନ୍ ଚାଲିବାର ଯୋଜନା ରହିଛି। ସେପଟେ ବିଭିନ୍ନ କାରିଗରି ବିଦ୍ୟାରେ ନିଜକୁ ପାରଙ୍ଗମ ସାବ୍ୟସ୍ତ କରିଥିବା ଚାଇନା ଏବେ ଏଭଳି ଏକ ଟ୍ରେନ୍ ନିର୍ମାଣ କରିଛି ଯାହାର ବେଗ ବୁଲେଟ୍ ଟ୍ରେନ୍ ଠାରୁ ଅଧିକ ରହିବ। ଏହି ଟ୍ରେନ୍‌କୁ 'ସାଂଘାଇ ମ୍ୟାଗ୍‌ଲେଭ୍ ଟ୍ରେନ୍' ନାମରେ ନାମିତ କରାଯାଇଛି। ବେଜିଂ ଏବଂ ସାଂଘାଇ ମଧ୍ୟରେ ଥିବା ୧୨୦୦ କି.ମି ଦୂରତାକୁ ଏହା ମାତ୍ର କେଇ ଘଣ୍ଟାରେ ଅତିକ୍ରମ କରିବ। ଉକ୍ତ ଟ୍ରେନଟି ସାଂଘାଇ ଟ୍ରାନ୍ସ ରାପିଡ୍ ନାମରେ ମଧ୍ୟ ପରିଚିତ। ଏହାର ବେଗ ଘଣ୍ଟାକୁ ପ୍ରାୟ ୪୩୧ କି.ମି ରହିବ। ଉକ୍ତ ଟ୍ରେନ୍ ପାଇଁ ଏକ ସ୍ୱତନ୍ତ୍ର ଟ୍ରାକ୍ ନିର୍ମାଣ କରାଯାଇଛି। ଏହାର ମଡେଲକୁ ନିକଟରେ ପ୍ରଦର୍ଶନ କରାଯାଇଥିଲା। ଟ୍ରେନ୍‌ଟିର ଚକା ନାହିଁ ଏହା ଚୁମ୍ବକୀୟ ବଳ ଯୋଗୁ ଚାଲିଥାଏ। ଏହି ଟ୍ରେନ୍ ଚଲାଇବା ସମୟରେ ଚୁମ୍ବକୀୟ ପ୍ରଣୋଦନ ପ୍ରଣାଳୀ ଭ୍ୟାକ୍ୟୁମ୍ ଟ୍ୟୁବ୍‌ର ବ୍ୟବହାର ଲାଗି ଏଥିରେ ଟ୍ରାକ୍ ସହିତ ଘର୍ଷଣ କମ୍ ହୋଇଥାଏ। ଫଳରେ ଟ୍ରେନଟି ଯେପରି ପବନରେ ଉଡୁଥିବା ପରି ଦୃଶ୍ୟମାନ ହୋଇଥାଏ।



# ରାଜଧାନୀ ନଥିବା ଦେଶ

ପୃଥିବୀରେ ଅନେକ ଦେଶ ରହିଛି ପ୍ରତ୍ୟେକ ଦେଶର ନିହାତି ରାଜଧାନୀ ରହିଛି। କିନ୍ତୁ ଏମିତି ଏକ ଦେଶ ଅଛି ଯାହାର ରାଜଧାନୀ ନାହିଁ। ଏହି ଦେଶଟି ହେଉଛି ନାଉରୁ। ଏହି ଦେଶଟିର ଉତ୍ପତ୍ତି ଛୋଟ ଏବଂ ବଡ ଦ୍ୱୀପରୁ ହୋଇଛି। ଏଥିପାଇଁ ଏହି ଦେଶକୁ ଦ୍ୱିପୀୟ ଦେଶ ବି କୁହାଯାଏ। ନାଉରୁ ଦେଶଟି ମାଇକ୍ରୋନେସିଆର ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ଅବସ୍ଥିତ। ଉକ୍ତ ଦେଶଟିର ଆୟତନ ମାତ୍ର ୨୧ ବର୍ଗ କିଲୋମିଟର । ଏହା ନାରୁ ନାମରେ ମଧ୍ୟ ପରିଚିତ। ସାଧାରଣତଃ କୌଣସି ଦେଶର ବ୍ୟବସାୟ ବଣିଜର କେନ୍ଦ୍ରବିନ୍ଦୁ ସାଜିଥାଏ ଏହାର ରାଜଧାନୀ। ଯାହା ଦେଶକୁ ଚଲାଇବାରେ ସହାୟକ ହୋଇଥାଏ। ରାଜଧାନୀ ଏପରି ଏକ ସହର ଯେଉଁଠାରେ ସରକାର ସମ୍ବନ୍ଧିତ ଅଫିସ୍ ରହିବା ସହିତ ଆଇନ୍ ଏବଂ ସମ୍ବିଧାନ ପ୍ରଣୟନ ବ୍ୟବସ୍ଥା ସେଇଠାରେ ହିଁ କରାଯାଇଥାଏ। ହେଲେ ଏହି ଦେଶରେ ସବୁ କାର୍ଯ୍ୟ ବିନା ରାଜଧାନୀରେ ମଧ୍ୟ ହୋଇଥାଏ।



# କୁନି ପିମ୍ପୁଡିର ନିଦ

ସକାଳୁ କୁନି ପିମ୍ପୁଡିଟା ଉଠିଲା ବେଳକୁ ମାଆର ଦେଖା ନାହିଁ । କୁନି ପିମ୍ପୁଡି ଜାଣିଛି, ତା ମାଆକୁ ଅତି ନିଦ ନ ଲାଗିଲେ ସେ ଶୋଇବ ନାହିଁ କି ରାତି ପାହିଲେ ଘରେ ରହିବ ନାହିଁ । ମାଆକୁ ନପାଇ କୁନି ପିମ୍ପୁଡିଟା ମନ ଦୁଃଖରେ ମଳା ଚାରିପଟେ ବୁଲିଲା । ସକାଳୁ ସକାଳୁ ନିଦରୁ ଉଠିଲା ପରେ ତାକୁ ଟିକିଏ ଅଳସ ଲାଗୁଥିଲା । ତେଣୁ କୁନି ପିମ୍ପୁଡି ଅଳସୁଆଙ୍କ ଭଳି କିଛି ସମୟ ଧୀରେ ଧୀରେ ଚାଲିଲା । ଅଳ୍ପ ସମୟ ଭିତରେ ସେ ପୁଣି ଚଞ୍ଚଳ ହୋଇ ଚଲାବୁଲା କଲା ।

ମାଆର ଦୁଇଟା ଗୁଣ କୁନି ପିମ୍ପୁଡିକୁ ଭାରି ଭଲ ଲାଗେ । ପ୍ରଥମରେ ତା ମାଆ ପରିଶ୍ରମୀ ଓ ଦ୍ୱିତୀୟରେ ମାଆ ସମସ୍ତଙ୍କ ସହିତ ମିଳିମିଶି କାମ କରେ । ମାଆ ନିଜ ପିଠିରେ ତା ପରି ୫୦ଟା ପିମ୍ପୁଡିକୁ ବୋହିପାରିବ ବୋଲି ସେ ଶୁଣିଥିଲା । ମାଆ କହୁଥିଲା, ବେଶୀ କାମ କଲେ ତାକୁ ହାଲିଆ ଲାଗେ । ସେ ଥକିଗଲେ ଟିକିଏ ବିଶ୍ରାମ ନିଏ । ତେଣୁ କୁନି ପିମ୍ପୁଡିକୁ ଜଣା ଥିଲା ଯେ ପିମ୍ପୁଡିମାନେ ବି ଶୁଅନ୍ତି । କୁନି ପିମ୍ପୁଡି ତା' ମାଆକୁ ବି ବେଳେବେଳେ ଶୋଇବାର ଦେଖିଛି ।


ବିଚରା କୁନି ପିମ୍ପୁଡିଟା ଘାସ ଭିତରେ ବୁଲିବ ବୋଲି ଭାବୁଥିଲା । ହେଲେ ପଡିଆରେ ପାଣି । ତେଣୁ



ପଡିଆକୁ ଗଲା ନାହିଁ । ସେଇ ଭଙ୍ଗା କୋଠା ତଳେ ମାଆର ଫେରିବା ବାଟକୁ ଅନେଇ ରହିଲା । କିଛି ସମୟ ପରେ ତା ପାଖକୁ ଆଉ ଦୁଇଟା ଛୋଟ ଛୋଟ ପିମ୍ପୁଡି ଆସିଗଲେ ଖେଳିବା ପାଇଁ । ତିନି ଜଣ ଗୋଡାଗୋଡି ଖେଳ ଖେଳିଲେ । କିଛି ସମୟ ଖେଳିଲା ପରେ ସେମାନଙ୍କର ମୁଣ୍ଡ ଥକି ଗଲା । ମୁଣ୍ଡ ଥକିଗଲେ ବିଶ୍ରାମ ଜରୁରୀ । ତେଣୁ ଛୁଆ ତିନିଟା ବିଶ୍ରାମ ନେଲେ । ସେମାନଙ୍କ ଶୋଇବାର ଢଙ୍ଗ ଅଲଗା । ଆଖି ପତା ନାହିଁ । ସେଥିପାଇଁ ସେମାନେ ଶୋଇଲେ ବି ଜାଣି ହେବ ନାହିଁ । ସେମାନେ ଥକିଗଲେ କଡ ମାଡି ଶୁଅନ୍ତି ନାହିଁ । ଛୁଆ ପିମ୍ପୁଡିମାନେ ଖେଳୁ ଖେଳୁ ଥକି ଗଲେ ଧୀର ହୋଇ ଯାଉଥିଲେ । ଚାଲୁ ଚାଲୁ ବେଳେବେଳେ ଥକି ଗଲେ ନ ଚାଲି ରହିଯାଉଥିଲେ ।

ସେମାନେ ଦିନ ସାରା ଏମିତି ବୁଲିଲେ ଖେଳିଲେ । ମଳାରେ ଥିବା ଗୁଣ୍ଡ ଚାଉଳ ଖାଇଲେ । ଗୋଟେ ମଲା ଝିଣ୍ଟିକାର ଗୋଡ ବି ତାଙ୍କୁ ସେଦିନ ମିଳିଗଲା । ତେଣୁ ସେମାନଙ୍କ ଖାଇବାଟା ଜମି ଗଲା । ଦିନ ସରିଲା, ସଞ୍ଜ ହେବାକୁ ବସିଲା । ହେଲେ କୁନି ପିମ୍ପୁଡିର ମାଆ ଫେରିଲା ନାହିଁ । କୁନି ପିମ୍ପୁଡି କିନ୍ତୁ ଜାଣିଥିଲା, ରାତିରେ ମାଆ ଘରକୁ ଫେରିବ ଓ କିଛି ସମୟ ବିଶ୍ରାମ ନେବ । ଆହୁରି ମଧ୍ୟ ଦେଖିଥିଲା, ତାଙ୍କ ପିମ୍ପୁଡି-ମଳାର ସମସ୍ତେ ଏକ ସଙ୍ଗରେ ଶୋଇ ପଡନ୍ତି ନାହିଁ । ପାଳି କରି ଶୁଅନ୍ତି । ଅଧାରୁ ଅଧିକ ପିମ୍ପୁଡି ସବୁବେଳେ ଜାଗ୍ରତ ଅବସ୍ଥାରେ ରହନ୍ତି । ଏମିତି ଭାବୁ ଭାବୁ କୁନି ପିମ୍ପୁଡିର ମାଆ ମଳାକୁ ଆସିଗଲା । ମାଆ ତା ପାଇଁ ମିଠା ଚାଉଳ ଆଣିଥିଲା । କୁନି ପିମ୍ପୁଡି ଖୁସିରେ ମାଆ ଚାରିପଟେ ବୁଲିବାକୁ ଲାଗିଲା । ମାଆ କହିଲା, 'ଶୀଘ୍ର ଖାଇଦେ । ମତେ ନିଦ ଲାଗିଲାଣି, ଶୋଇବା ।' କୁନି ପିମ୍ପୁଡି ଟିକିଏ ମିଠା ଚାଉଳ ଖାଇଲା ଓ ବାକିତକ ନେଇ ଘର ଭିତରେ ସାଇତି ରଖିଦେଲା । ସେତେବେଳକୁ ମାଆକୁ ନିଦ ଆସି ଯାଇଥିଲା । କୁନି ପିମ୍ପୁଡି ଚୁପ୍ ଚାପ୍ ଯାଇ ମାଆ ପାଖରେ ବିଶ୍ରାମ ନେଲା ।

**-ଡ. କମଳାକାନ୍ତ ଜେନା**
ଓ.ଇ.ଏସ୍,-୧ (ଫିଜିକ୍ସ୍), ଭଦ୍ରକ ସ୍ୱୟଂଶାସିତ
ମହାବିଦ୍ୟାଳୟ, ଭଦ୍ରକ



# ଆଇନା



ସାଇ ସାତ୍ତ୍ୱିକ ପ୍ରଧାନ

୬ ବର୍ଷ/ଢେଙ୍କାନାଳ



ଅର୍ଣ୍ଣା ଅଦ୍‌ଭୀକା ମହାନ୍ତି

୫ ବର୍ଷ/କଟକ